# Akashvani, Sambalpur

## SAMBALPURI NEWS EVENING BULLETIN

**29 January 2025- 7.02 pm- 7.12 pm.**

**********************************************

୧- ଉଦ୍‌ଯାପିତ ହେଲା ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨୦୨୫- ସ୍ୱାକ୍ଷରିତ୍ ହେଲା ଶହେ ୪୫ ଟା ବୁଝାମଣାପତ୍ର ।

- ଘୋଷ୍‌ନା ହେଲା ଶୁଣ ସୁଭଦ୍ରା, କୁହ ସୁଭଦ୍ରା ଆର୍ ସୁଭଦ୍ରା ସେତୁ ।

୨- ରାଷ୍ଟ୍ରାୟତ ତୈଳ ବିପଣନ କମ୍ପାନୀ ଜରିଏ ଇଥାନଲ୍ ଘିନା ବ୍ୟବସ୍ଥାକେ ଆର୍ଥିକ୍ ବ୍ୟାପାର୍ କେବିନେଟ୍ କମିଟିର୍ ମଞ୍ଜୁରୀ ।

ଆଉର୍

୩- ରାଏଜେ ଆଏବା ହପ୍ତାନୁ ଶୀତ୍ କମ୍‌ବା ଆର୍ ଖରା ବଢ଼୍‌ବା - ସୂଚ୍‌ନା ଦେଲା ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ।

ଉତ୍କର୍ଷ ଓଡ଼ିଶା-ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର୍ ସମ୍ବାଦଦାତା

ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫ ଥି ୧୨ ଲାଖ୍ ୮୯ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ କର୍‌ବାର୍ ଲାଗି ଦେଶ୍‌ବିଦେଶର୍ ଭିନ୍ ଭିନ୍ କମ୍ପାନୀମାନ୍‌କର୍ ସାଙ୍ଗେ ଶହେ ୪୫ ଟା ରାଜିନାମା ସ୍ୱାକ୍ଷରିତ୍ ହେଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ଠାନେ ଚାଲିଥିବା ୨ ଦିନିଆ ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ -୨୦୨୫ ଆଏଜ୍ ଉଦ୍‌ଯାପିତ୍ ହେବାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ କହିଛନ୍, ଇ ପୁଞ୍ଜିନିବେଶ୍ ରାଜ୍ୟର୍ କାୟାକଳ୍ପ ବଦ୍‌ଲେଇ ଦେବା ଆଉ ରାଏଜେ ପାଖାପାଖି ୮ ଲାଖ୍ ୯୪ ହଜାର୍ ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା । ଇତାର୍‌ଛଡ଼ା ୨ ଦିନ୍ ଭିତ୍‌ରେ ୪ ଶହ ୪୮ ଟା ପୁଞ୍ଜିନିବେଶ୍ ଆବେଦନ୍ ପତ୍ର ଆସିଥିଲା । ଇତାର୍ ମୂଲ୍ୟ ୩ ଲାଖ୍ ୮୪ ହଜାର୍ କୋଟି ଟଙ୍କା । ମୋଟ୍ ଉପ୍‌ରେ ୧୬ ଲାଖ୍ ୭୩ ହଜାର୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ ପ୍ରସ୍ତାବ୍ ଆସିଛେ ।

ଇନଜନେଇ ଦିଆଯାଇପାରେ ଯେ, ଇ ସମ୍ମିଲନୀଥି ଶିଳ୍ପ ପ୍ରଦର୍ଶନୀ ଆଏବା ୩୦ ତାରିଖ୍‌ତକ୍ ଥିଲା । ହେଲେ ସାଧାରଣ୍ ଲୋକ୍ ଖାସ୍‌କରି ଯୁବବର୍ଗ ଆର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଇତାକେ ୩୧ ତାରିଖ୍‌ତକ୍ ବଢ଼ାଯାଇଛେ ବଲି ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ        I&PR

ମହିଳା ଉଦ୍ୟୋଗୀମାନଙ୍କୁ ତହଁକାବାର୍ ଲାଗି ରାଏଜେ ଶିଳ୍ପ ପାର୍କ ଥାପ୍‌ନା କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ । ଦୁଇଦିନିଆ ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ର ଶେଷ୍‌ଦିନେ ମହିଲା ଉଦ୍ୟୋଗୀ ବାବଦ୍ ଗୁଟେ ଅଧିବେଶନ୍‌ଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି କହିଛନ୍, ମହିଲା ଉଦ୍ୟୋଗୀମାନଙ୍କୁ ସାହାଜ୍ କର୍‌ବାର୍ ଲାଗି ଭୁବନେଶ୍ୱର ଇପିକଲ୍‌ଠାନେ ଖାସ୍ ସେଲ୍ ଖୁଲାଯିବା । ଇତାର ଜରିଏ ମହିଲାମାନେ ଆର୍ଥିକ୍ ସ୍ତର୍‌ଥି ସଶକ୍ତ ହେବେ ଆର୍ ଗୁଟେ ନିରନ୍ତର୍ ବ୍ୟବସାୟିକ୍ ପରିବେଶ ବିକଶିତ୍ ହେଇପାର୍‌ବା । ୨୦୩୬ ତକ୍ ସମୃଦ୍ଧ ଓଡ଼ିଶା ଗଠନ୍‌ଥି ମହିଲାମାନଙ୍କର୍ ଭୂମିକା ସୁନିଶ୍ଚିତ୍ କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍, ରାଜ୍ୟ ସରକାର୍ ଗୁଟେ ଜେଣ୍ଡର-ବଜେଟିଂ ତିଆର୍ କରୁଛନ୍ । ଇବଛର୍ ବଜେଟ୍‌ଥି ରାଜ୍ୟ ସରକାର ମୋଟ୍ ବଜେଟ୍‌ର ୨୮.୫ ପ୍ରତିଶତ୍ ଖାଲି ମହିଲାମାନଙ୍କର୍ ଲାଗି ଖର୍ଚ୍ଚା କର୍‌ବାର୍‌କେ ଥିର୍ କରିଛନ୍ ।

ଉତ୍କର୍ଷ ଓଡ଼ିଶା- ମୁଦ୍ରାରୁ ସୁଭଦ୍ରା I&PR

ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ଆଏଜ୍ ଉପର୍‌ବେଲା ସୁଭଦ୍ରାରୁ ମୁଦ୍ରା ଶୀର୍ଷକ୍‌ରେ ହେଇଥିବା ଅଧିବେଶନ୍‌ରେ ସୁଦଭ୍ରା ଯୋଜ୍‌ନାକେ ନେଇକରି ରାଜ୍ୟ ସରକାର ୩ଟା ବଡ଼ ଘୋଷଣା କରିଛନ୍ । ଆଏଜ୍ ଅଧିବେଶନ୍‌ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଣ ସୁଭଦ୍ରା, କୁହ ସୁଭଦ୍ରା ଆଉ ସୁଭଦ୍ରା ସେତୁ ଘୋଷ୍‌ନା କରିଛନ୍ । ଶୁଣ ସୁଭଦ୍ରା ଜରିଏ ସୁଭଦ୍ରା ହିତାଧିକାରୀମାନେ ବିଭାଗୀୟ ଅଧିକାରୀମାନ୍‌ଙ୍କୁ ଫୋନ୍ କରି କରି ଯୋଜ୍‌ନା ବାବ୍‌ଦେ ନିଜର୍ ସନ୍ଦେହ ଦୂର୍ କରିପାର୍‌ବେ । ଯୋଜ୍‌ନା ଜରିଏ ଋଣ କେତେ କରିପାର୍‌ବେ ସେ ବାବ୍‌ଦେ ସୂଚ୍‌ନା ପାଇପାର୍‌ବେ । ସେନ୍ତା କୁହ ସୁଭଦ୍ରା ଯୋଜ୍‌ନାରେ ବିଭାଗର୍ ଅଧିକାରୀମାନେ ସୁଭଦ୍ରା ହିତାଧିକାରୀମାନଙ୍କୁ ଫୋନ୍ କରି କରି ସୁବିଧା ଅସ୍‌ବିଧା ବୁଝିପାର୍‌ବେ । ସୁଭଦ୍ରା ସେତୁ ଜରିଏ ୨୧ ବଛର୍ ହେବାର୍‌କେ ଥିବା ଆଶାୟୀ ହିତାଧିକାରୀମାନଙ୍କୁ ଯୋଜ୍‌ନାରେ ଯୁଡ଼ା ଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଦିଆଯାଇଛେ ।

ଉପମୁଖ୍ୟମନ୍ତ୍ରୀ I&PR

ଉତ୍କର୍ଷ ଓଡ଼ିଶା ସମ୍ମିଳନୀରୁ ପର୍ଯ୍ୟଟନର୍ ବିକାଶ ଲାଗି ୧୨୧ଟା ଯୋଜନାରୁ ପୁଞ୍ଜିନିବେଶ ପ୍ରସ୍ତାବ ଆସିଛେ ବଲି ଉପମୁଖ୍ୟମନ୍ତ୍ରୀ ଆର୍ ପର୍ଯ୍ୟଟନମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ । ଶ୍ରୀମତୀ ପରିଡ଼ା କହିଛନ୍, ପର୍ଯ୍ୟଟନର୍ ଉନ୍ନତି ଲାଗି ପାଖାପାଖି ୮ ହଜାର୍ ଶହେ ୫୩ କୋଟି ଟଙ୍କାର୍ ପ୍ରସ୍ତାବ୍ ଆସିଛେ । ରାଏଜେ ସଂଗ୍ରହାଳୟ, ପର୍ଯ୍ୟଟନର୍ ବିକାଶ ଲାଗି ବିଜ୍ଞାନ ସଂଗ୍ରହାଳୟ ଜାତୀୟ ପରିଷଦ୍ ସହେତେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇତାର୍ ସହେତେ ହୋଟେଲ, ଜଳକ୍ରୀଡ଼ାର ବିକାଶ୍ ଲାଗି ଭିଲ୍ ପ୍ରସ୍ତାବ୍ ଆସିଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ବୟନ ଶିଳ୍ପ I&PR

ଉତ୍କର୍ଷ ଓଡ଼ିଶା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରୁ ବୟନ ଆର୍ ହସ୍ତତନ୍ତ ଶିଳ୍ପ କ୍ଷେତ୍ରରୁ ଭିନ୍ ଭିନ୍ କମ୍ପାନୀ ସଙ୍ଗେ ଆଏଜ୍ ୮ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ ଆର୍ ୩୬ଟା ୟୁନିଟ୍‌ରୁ ୭ ହଜାର ୭ ଶହ ୬୨ କୋଟି ଟଙ୍କାର ପୁଞ୍ଜିନିବେଶ ଲାଗି ସହମତି ହେଇଛେ ବଲି ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଲସାମନ୍ତ ସୂଚ୍‌ନା ଦେଇଛନ୍ । ଇଥିର୍‌ଲାଗି

ରାଏଜେ ୨୨ ହଜାର୍ ପ୍ରତ୍ୟକ୍ଷ ଆର୍ ୬୬ ହଜାର୍ ପରୋକ୍ଷ ନିଯୁକ୍ତି ସୁଯୋଗ୍ ତିଆର୍ ହେବା ବଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ ।

ପଂଚାୟତିରାଜ୍ ମନ୍ତ୍ରୀ-ଉତ୍କର୍ଷ ଓଡ଼ିଶା            ହି.ସ.

ରାଜ୍ୟ ସର୍‌କାର୍ ଗାଁର୍ ଭିତିଭୂମିର ଉନ୍ନତି ଆର୍ ପିଇବାର୍ ପାଏନ୍ ଯୁଗାବାର୍‌କେ ଗୁରୁତ୍ୱ ଦଉଛନ୍ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ କହିଛନ୍ । ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ସେ କହିଛନ୍ ଯେ, କୃଷି ଆଉ ଖାଦ୍ୟ ପ୍ରକ୍ରିୟାକରଣ୍ ଶିଳ୍ପର୍ ଅଭିବୃଦ୍ଧି ଦିଗେ ସର୍‌କାର୍ ଅଏତ୍‌କା ଗ୍ରାମ୍ୟ ବଜାର୍ ଥାପ୍‌ନା କର୍‌ବାର୍‌କେ ଯାଉଛନ୍ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆଥି ଇ ଶିଳ୍ପକେ ଆଗ୍‌କେ ନେବାର୍ ଲାଗି ସବୁ ପ୍ରକାର୍ ଚେରେଷ୍ଟା କରାଯାଉଛେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ଇଥାନଲ୍ ମିଶ୍ରିତ ପେଟ୍ରୋଲ            ପି.ଆଇ.ବି.

ଆର୍ଥିକ ବ୍ୟାପାର୍ କେବିନେଟ୍ କମିଟି- ସିସିଇଏ, ଇଥାନଲ୍ ମିଶ୍ରିତ ପେଟ୍ରୋଲ- ଇବିପି କାର୍ଯ୍ୟକ୍ରମ୍ ଅଧୀନ୍‌ଥି ରାଷ୍ଟ୍ରାୟତ

ତୈଳ ବିପଣନ କମ୍ପାନୀ-ଓଏମ୍ସି ଜରିଏ ଇଥାନଲ୍ ଘିନା ବ୍ୟବସ୍ଥାକେ ମଞ୍ଜୁରୀ ଦେଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଆର୍ଥିକ୍ ବ୍ୟାପାର୍ ବାବଦ୍ ବୈଠକ୍‌ଥି ସର୍‌କାର୍ ଇଥାନଲ୍ ଯୋଗାଣ ବର୍ଷ ୧ ନଭେମ୍ବର୍ ୨୦୨୪- ନୁ ୩୧ ଅକ୍ଟୋବର୍ ୨୦୨୫ ତକ୍ ଇବିପି କାର୍ଯ୍ୟକ୍ରମ୍ ଲାଗି ଇଥାନଲ୍‌ର ଏକ୍ସ ମିଲ୍ ଦାମ୍ ଲିଟର୍ ପିଛା ୫୬ ଟଙ୍କା ୫୮ ପଏସାନୁ ବଢ଼େଇକରି ୫୭ ଟଙ୍କା ୯୭ ପଏସା ଧାରିଜ୍ କରିଛନ୍ । କୁସେର୍ ଚାଷୀମାନ୍‌କର୍ ହିତ୍ ଲାଗି ଆଘର୍ ବାଗିର୍ ଜିଏସ୍‌ଟି ଆର୍ ପରିବହନ୍ ଶୁଳ୍କ ଅଲ୍‌ଗା କରି ଦିଆଯିବା ବଲି ବୈଠକ୍‌ଥି ନିଷ୍ପତି ହେଇଛେ । ସେନ୍ତା ଇ କମିଟି -ନେସ୍‌ନାଲ୍ କ୍ରିଟିକାଲ୍ ମିନେରାଲ୍ ମିଶନ୍ ଲାଗି ୩୪ ହଜାର୍ କୋଟିନୁ ଅଏତ୍‌କା ଟଙ୍କା ମଞ୍ଜୁର୍ କରିଛେ ।

ସଂସଦ୍ ବଜେଟ୍ ଅଧିବେଶନ ଏନ୍‌ଏସ୍‌ଡି

ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଏବା ୩୧ ତାରିଖ୍‌ନୁ ମୁଲ୍ ହେବା । ଇତାର୍ ଆଘୋନୁ ଆଏବା କାଏଲ୍ ସର୍ବଦଲୀୟ ବୈଠକ୍ ହେବା । ଅଧିବେଶନ୍‌ର ପହେଲା ଦିନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକ୍‌ସଭା ଆଉ ରାଜ୍ୟସଭାର ମିଲିତ୍ ଅଧିବେଶନ୍‌କେ ସମ୍ବୋଧନ୍ କର୍‌ବେ । ଆଏବା ଶନିବାର୍ ୧

ତାରିଖ୍ ଦିନ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ସାଧାରଣ୍ ବଜେଟ୍ ଉପସ୍ଥାପନ୍ କର୍‌ବେ ।

ଇସ୍ରୋର୍ ଶହେ ନମ୍ବର୍ ଉତ୍‌କ୍ଷେପ୍ ଏନ୍‌ଏସ୍‌ଡି

ଭାରତୀୟ ମହାକାଶ୍ ଗବେଷଣା ସଂଗଠନ୍ - ଇସ୍ରୋ ଆଏଜ୍ ତାର୍ ଐତିହାସିକ୍ ଶହେ ନମ୍ବର୍ ଉତ୍‌କ୍ଷେପଣ୍ କରିଛେ । ଆନ୍ଧ୍ରପ୍ରଦେଶ୍ ଶ୍ରୀହରିକୋଟାର ସତୀଶ୍ ଧଓ୍ୱନ୍ ସ୍ପେଶ୍ ସେଂଟର୍‌ନୁ ଜିଏସ୍‌ଏଲ୍‌ଭି ଏଫ୍- ୧୫ - ରକେଟ୍-ସାର୍ କେ ଆଏଜ୍ ସଖାଲର୍ ୬ ବାଜିକରି ୨୩ ମିନିଟ୍‌ଥି ଉତ୍‌କ୍ଷେପଣ୍ କରାଯାଇଥିଲା । ଜିଓ ସିଙ୍କ୍ରୋନାଇଜ୍ ଟ୍ରାନ୍ସଫର୍ କକ୍ଷ ପଥ ନ ସଫଲତାର୍ ସହେତେ ଛାଡ଼ିଥିଲା ।

ଜିଲ୍ଲାସ୍ତରୀୟ ହାଇସ୍କୁଲ୍ ପ୍ରଧାନ୍ ଶିକ୍ଷକ୍ ସମ୍ମିଳନୀ ବୌଦ୍ଧ

ବୌଦ୍ଧ ଠାନେ ଜିଲ୍ଲାସ୍ତରୀୟ ହାଇସ୍କୁଲ୍ ପ୍ରଧାନ୍ ଶିକ୍ଷକ୍ ସମ୍ମିଳନୀ ହେଇଯାଇଛେ । ସଭାଥି ଜିଲ୍ଲାପାଳ୍ ସୁବ୍ରତ୍ କୁମାର୍ ପଣ୍ଡା ମୁଖିଆ କୁନୁଆଁ ଭାବେ ଯୋଗ୍ ଦେଇକରି ପ୍ରଧାନ୍ ଶିକ୍ଷକ୍‌ମାନ୍‌କୁ ସମୟାନୁବର୍ତ୍ତି ହେବାର୍ ସହେତେ ଛାତ୍ରଛାତ୍ରୀମାନ୍‌କର୍ ନ ଆତ୍ମବିଶ୍ୱାସ୍ ବଢ଼ାବାର୍ ଦିଗେ କାମ୍

କର୍‌ବାର୍ ଲାଗି ପରାମର୍ଶ ଦେଇଛନ୍ । ଆଏବା ସାର୍ଟିଫିକେଟ୍ ପରୀକ୍ଷାଥି ଛାତ୍ରଛାତ୍ରୀମାନ୍‌କର୍ ଭଲ୍ ପ୍ରଦର୍ଶନ୍ ଲାଗି ଜିଲ୍ଲାପାଲ୍ ଆହ୍ୱାନ୍ ଦେଇଥିଲେ । ସମ୍ମିଲନୀଥି ଜିଲ୍ଲାର୍ ଭିନ୍ ଭିନ୍ ଉଚ୍ଚବିଦ୍ୟାଲୟର୍ ୭୭ ଝନ୍ ପ୍ରଧାନ୍‌ଶିକ୍ଷକ୍ ଆର୍ ୧୬ ଝନ୍ ସାଧନ୍ କର୍ମୀ ଯୋଗ୍ ଦେଇଥିଲେ ।

ଜିଲ୍ଲାପରିଷଦ୍ ବୈଠକ ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ଜିଲ୍ଲା ପରିଦେ୍ ସମ୍ମିଲନୀ କକ୍ଷ ଠାନେ ୬ ନମ୍ବର୍ ଜିଲ୍ଲାପରିଷଦ୍ ବୈଠକ୍ ହେଇଯାଇଛେ । ଜିଲ୍ଲା ପରିଷଦ୍ ଅଧକ୍ଷା ମାନିନୀ ଭୋଇଙ୍କର୍ ଅଧକ୍ଷତାଥି ହେଇଥିବା ବୈଠକ୍‌ଥି ବିଭାଗୀୟ ଅଧିକାରୀମାନେ ଯୋଗ୍ ଦେଇଥିଲେ । ବୈଠକ୍‌ଥି ପାନୀୟ ଜଳ ଯୋଗାଣ, ରାସ୍ତା ନିର୍ମାଣ, ଖାଉଟି କଲ୍ୟାଣ୍, ଗ୍ରାମ୍ୟ ପରିମଳ, ମହିଳା ଓ ଶିଶୁ କଲ୍ୟାଣ୍ ବାଗିର୍ ଭିନ୍ ଭିନ୍ ବିଷେଥି ଆଲୋଚନା ହେଇଥିଲା ।

ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଆର୍‌ଏନ୍‌ୟୁ/ କଟକ୍

ଉତରାଖଣ୍ଡର୍ ଡେରାଡୁନ୍ ଠାନେ ଥିବା ରାଜୀବ୍ ଗାନ୍ଧୀ ଆନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡ଼ିୟମ୍ ଠାନେ ଗଲାକାଏଲ୍ଠାନୁ ୩୮ ନମ୍ବର୍ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ମୁଲ୍ ହେଇଛେ । ୧୮ ଦିନ୍ ଧରିକରି ହେବାର୍କେ ଥିବା ଇ କ୍ରୀଡ଼ା ମହୋତ୍ସବ୍ଥି ପାଖାପାଖି ୧୦ ହଜାର୍ ଖେଲାଲୀ ଆର୍ ୩୮ ଟା ଦଲ୍ର କର୍ମକର୍ତା ଭାଗ୍ ନେଇଛନ୍ । ଓଡ଼ିଶାନୁ ୩ ଶହ ୨ ୪ନ୍ ଖେଲାଲୀ ୨୬ ଟା ବର୍ଗଥି ଭାଗ୍ ନେଇଛନ୍ ।

ହକି ଇଣ୍ଡିଆ ଲିଗ୍          ଆର୍ଏନ୍ୟୁ /ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ର ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍ଠାନେ ଆଏଜ୍ ବେଲ୍ବୁଡ଼ର୍ ୬ ବଜେନୁ ସୁର୍ମା ହକି କ୍ଲବ୍- ସ୍ରାଚୀ ରାହ ବେଙ୍ଗଲ୍ ଟାଇଗର୍ସ ଭିତ୍ରେ ମେଚ୍ ଚାଲିଛେ । ସେଆଡ଼େ ରାତି ୮ ବାଜିକରି ୧୫ ମିନିଟ୍ଥି ୟୁପି ରୁଦ୍ରାସ୍ ଆର୍ ତାମିଲ୍ନାଡୁ ଡ୍ରାଗନ୍ସ ଭିତ୍ରେ ମେଚ୍ ହେବା ।
ଆଝିରର୍ ଲିଗ୍ ପର୍ଯ୍ୟାୟର୍ ମେଚ୍ ଉତ୍ରୁ ସେମିଫାଇନାଲ୍ ତାଲିକା ଚୂଡ଼ାନ୍ତ ହେବା ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ରାଏଜ୍‌କେ ଉତର୍ ପଶ୍ଚିମ ଦିଗୁ ଶୁଖା ପବନ୍ ଆସୁଥିବାର୍‌ନୁ ତାପମାତ୍ରା ବଢ଼୍‌ବାର୍ ସହେତେ ଶୀତ୍ କମିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ବହଲିଆ କୁହୁଡ଼ି ହେବାର୍ ସୂଚ୍‌ନା ଜାରି କରାଯାଇଛେ । ଆଂଚଲିକ୍ ପାଣିପାଗ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ମନୋରମା ମହାନ୍ତି ଇ ବାବ୍‌ଦେ କହିଛନ୍....

(ଭଏସ୍ ଓଭର୍- ମନୋରମା ମହାନ୍ତି)